୧୦୪ ବର୍ଷର ପ୍ରକାଶନ
ଦୈନିକ ସଂସ୍କରଣ : ଆର୍.ଏନ୍.ଆଇ ନଂ. ୪୦୦୫/୫୭
ପି.ଆର୍. ନଂ. ସିକେ(ସି)/୧୭/୨୦୨୪-୨୦୨୬
104 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2024-2026

- କୋରାପୁଟ, ସୋମବାର ୧୨ ଫେବୃଆରୀ ୨୦୨୪
- Koraput, Monday 12 February 2024
- ଆଜି ମକର ୨୯ ଦିନ, ୧୪୩୧ ସାଲ
- ମାଘ ୨୩ ଦିନ, ୧୯୪୫ ଶକାବ୍ଦ, ଶୁକ୍ଳପକ୍ଷ ତୃତୀୟା
- ଭାଗ- ୯୫ ସଂଖ୍ୟା- ୪୨
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୮ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ପରାଞ୍ଚି ଖାନି ବ୍ୟତୃଣାତ୍ ସ୍ୱୟମ୍ଭୂଃତସ୍ମାତ୍ ପରାଙ୍ ପଶ୍ୟତି ନାନ୍ତରାତ୍ମନ୍ ।
କଶ୍ଚିଦ୍ ଧୀରଃ ପ୍ରତ୍ୟଗାତ୍ମାନମୈକ୍ଷଦାବୃତ୍ତଚକ୍ଷୁରମୃତତ୍ୱମିଚ୍ଛନ୍ ।।
(କଠୋପନିଷଦ୍ - ୨/୧)



ଈଶ୍ୱର ଇନ୍ଦ୍ରିୟମାନଙ୍କୁ ବହିର୍ମୁଖୀ କରି ସୃଷ୍ଟି କରିଛନ୍ତି । ତେଣୁ ସେମାନେ ଅନ୍ତର ଭିତରେ ଥିବା ଆତ୍ମାକୁ ଦେଖିପାରନ୍ତି ନାହିଁ । କେତେକ ଜ୍ଞାନୀ ଲୋକ ଅନ୍ତର୍ମୁଖୀ ହୋଇ ଆତ୍ମାକୁ ଦର୍ଶନ କରନ୍ତି । ଏମାନେ ଅମୃତତ୍ତ୍ୱ ଇଚ୍ଛା କରନ୍ତି ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ସୁନାବେଡ଼ା,୧୧।୨ (ନିପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଏନ୍.ସି ପଣ୍ଡା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଶାସନ ଓ ଶିକ୍ଷା ପରାମର୍ଶଦାତା ପ୍ରଫେସର ଭି.ସି.ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ, କ୍ରୀଡ଼ା ପରାମର୍ଶଦାତା ସଞ୍ଜୟ ଗନ୍ତାୟତ ଓ କ୍ରୀଡ଼ା ସଚିବ ବିଶ୍ୱଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ 'ଫିଟ୍ ଇଣ୍ଡିଆ



ଅଭିଯାନ' ସମଗ୍ର ଭାରତରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବ
ପାଇଁ ଏକ ନୈତିକ ପ୍ରୋତ୍ସାହନ ବୋଲି ପ୍ରଫେସର ଭି
ସି.ଝା କହିଛନ୍ତି। କେବଳ କ୍ରୀଡ଼ାବିତ ନୁହନ୍ତି ସମସ୍
ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ
ଉଚିତ ବୋଲି ପ୍ରଫେସର ଝା କହିଥିଲେ। ଡଃ ପାଢ଼
ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ରୀ ଭୋଇ ଧନ୍ୟବା
ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, କର୍ମଚା
ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

THE SAKALA
Jeypore - 12 Feb 2024 - 12 Feb 2024 - Page 10

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ




**କୋରାପୁଟ,୧୧।୨(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ପ୍ରତିଯୋଗୀ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଏନସି ପଣ୍ଡା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରି କ୍ରୀଡ଼ା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କ୍ରୀଡ଼ା ଆୟୋଜନ କରିବା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ମଧ୍ୟରେ ଫିଟନେସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପ୍ରଶାସନ ଓ ଶିକ୍ଷା ପରାମର୍ଶଦାତା ପ୍ରଫେସର ଭି ସି. ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ, କ୍ରୀଡ଼ା ପରାମର୍ଶଦାତା ସଞ୍ଜୟ ଗନ୍ତାୟତ ଓ କ୍ରୀଡ଼ା ସଚିବ ବିଶ୍ୱଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଡ. ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶ୍ୱଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ବାଦ

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା

ସେମିଲିଗୁଡ଼ା, ୧୦/୨(ଇମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରୀ ସନ୍ଧ୍ୟାରାଣୀ ଦାସ ଆତ୍ମହତ୍ୟା କରିଛନ୍ତି। ହଷ୍ଟେଲ୍ ରୁମ୍ ପଙ୍ଖାରେ ଓଢ଼ଣୀ ଲଗାଇ ସନ୍ଧ୍ୟାରାଣୀ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା ପଛର କାରଣ ଜଣା ପଡିନଥିବା ବେଳେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିଛି। ମୃତ ଛାତ୍ରୀଙ୍କ ପରିବାର ପହଞ୍ଚିବା ପରେ ଯାଞ୍ଚ କରି ଶବ ବ୍ୟବଚ୍ଛେଦ ଦିଗରେ ପୁଲିସ୍ ପଦକ୍ଷେପ ନେବ।

ମୃତ ଛାତ୍ରୀ ସନ୍ଧ୍ୟା ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ରୀ। ଶୁକ୍ରବାର ଗଣିତ ବିଭାଗ ପ୍ରଥମ ସେମିଷ୍ଟାର୍ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ପରୀକ୍ଷା ଫଳ ଖରାପ ହେବା କାରଣରୁ ନା ଅନ୍ୟ କେଉଁ କାରଣରୁ ସନ୍ଧ୍ୟା ଆତ୍ମହତ୍ୟା କରିଛନ୍ତି ତାକୁ ନେଇ ପୁଲିସ୍ ଖୋଳତାଡ଼ ଚଲାଇଛି। ଘଟଣା ସମ୍ପର୍କରେ ସନ୍ଧ୍ୟାଙ୍କ ଅଭିଭାବକଙ୍କୁ ପୁଲିସ୍ ଖବର ଦେବା ପରେ ପରିବାର ଲୋକ କେନ୍ଦ୍ରାପଡାରୁ ସୁନାବେଡା ଅଭିମୁଖେ ଆସୁଛନ୍ତି। ସନ୍ଧ୍ୟା ବିଶ୍ୱବିଦ୍ୟାଳୟ ମହିଳା ହଷ୍ଟେଲର ରୁମ୍ ନଂ ୪୧୩ ରେ ରହୁଥିଲେ। ଗୋଟିଏ ରୁମରେ ଦୁଇ ଜଣ ରହୁଥିବା ବେଳେ ଅନ୍ୟ ଜଣେ ସହପାଠିନୀ ୧ ତାରିଖରୁ ଘରକୁ ଯାଇ ଆଉ ଫେରି ନାହାନ୍ତି। ଗତକାଲି ସନ୍ଧ୍ୟା ରୁମରେ ଏକାକି ଥିଲେ। ସେମିଲିଗୁଡା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଏବଂ ଅନ୍ୟ ପୁଲିସ ଅଧିକାରୀ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମହିଳା ହଷ୍ଟେଲର ସମସ୍ତ ଛାତ୍ରୀଙ୍କୁ ଅନ୍ୟ ହଷ୍ଟେଲ୍ ପ୍ରକୋଷ୍ଠକୁ ସ୍ଥାନାନ୍ତର କରାଯାଇଛି।

ପ୍ରମେୟ
THE PRAMEYA
12th ANNIVERSARY
PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/23-25
ବର୍ଷ ୧୩ । ସଂଖ୍ୟା ୨୮୧ । ଜୟପୁର
୧୧ ଫେବ୍ରୁଆରୀ ୨୦୨୪ । ରବିବାର
12+8 PAGES I ₹7.00
VOLUME 13 | ISSUE 281 | JEYPORE
11 FEBRUARY 2024 | SUNDAY
www.prameya.com prameyaodia prameyaodia

# ସିୟୁର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

କୋରାପୁଟ,୧୦।୨(ଆପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ାତ୍ସୋବ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରେଜିଷ୍ଟ୍ରାର ପ୍ରଫେସର ଏନ୍.ସି ପଣ୍ଡା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରି କ୍ରୀଡ଼ାତ୍ସୋବର ଉଦ୍‌ଘାଟନ କରିଥିଲେ। ପ୍ରଶାସନ ଓ ଶିକ୍ଷା ପରାମର୍ଶଦାତା ପ୍ରଫେସର ଭି.ସି. ଝା’, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ି, କ୍ରୀଡ଼ା ପରାମର୍ଶଦାତା ସଞ୍ଜୟ ଗନ୍ତାୟତ ଓ କ୍ରୀଡ଼ା ସଚିବ ବିଶ୍ୱଜିତ ଭୋଇ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ଶ୍ରୀ ପଣ୍ଡା କହିଛନ୍ତି, ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ କ୍ରୀଡ଼ା ଆୟୋଜନ କରିବା ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ମଧ୍ୟରେ ଫିଟନେସ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ସରକାରଙ୍କ ଫିଟ୍ ଇଣ୍ଡିଆ ଅଭିଯାନ ସମଗ୍ର ଭାରତରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୈତିକ ପ୍ରୋତ୍ସାହନ ଏବଂ ସିୟୁଓ ଏହାର ବ୍ୟତିକ୍ରମ ନୁହେଁ। ପ୍ରଫେସର ଭି.ସି.ଝା’ କହିଛନ୍ତି, କେବଳ କ୍ରୀଡ଼ାବିତ୍ ନୁହଁନ୍ତି, ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଉଚିତ। ଏହାଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ସଚେତନତା ବୃଦ୍ଧି ପାଇବ। ପ୍ରଫେସର ପାଲିତା କହିଛନ୍ତି, କ୍ରୀଡ଼ାର ବିକାଶ ସହ ଯୁବପିଢ଼ିଙ୍କ ମଧ୍ୟରେ ବ୍ୟକ୍ତିଗତ ଓ ସାମଗ୍ରୀକ ବିକାଶ ହେବ। ଡ. ପାଢି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।